# ଆଇଆଇଟି ସ୍ଥାନାନ୍ତର ପ୍ରତିବାଦରେ କଟକରେ ଧାରଣା ଓ ପ୍ରତିବାଦ ସଭା



କଟକ,ତା୧୩।୫(କ.ପ୍ର)– ଓଡିଶା ପ୍ରତି କେନ୍ଦ୍ର ସରକାର ଲଗାତାର ଅବିଚାର କରିବାସହ ପ୍ରସ୍ତାବିତ ଆଇଆଇଟି ସ୍ଥାନାନ୍ତର ପ୍ରତିବାଦରେ ସିପିଏମ ପକ୍ଷରୁ ଆହି ପୂର୍ବାହ୍ଣରେ ଏକ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ହାଇକୋର୍ଟ ସମ୍ମୁଖ ବି.ଆର. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ଅନୁଷ୍ଠିତ ଏହି ଗଣ ଧାରଣାରେ ସିପିଏମ ନେତା ସୁବାସ ସିଂହ ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ସମ୍ମିଳନୀର କଟକ ଜିଲା ସଭାପତି ଡାକ୍ତର ଗୁରୁପ୍ରସାଦ ମହାନ୍ତି,ସିପିଏମ ନେତା ସେକ୍ ଅବଦୁଲା, କର୍ମଚାରୀନେତା ରବୀନ୍ଦ୍ର ଧଳ, ଟି.ବି.ପଟ୍ଟନାୟକ, ଆଡଭୋକେଟ୍ ଗଗନଚନ୍ଦ୍ର ମେହେର,ଗଣତାନ୍ତ୍ରିକ ମହିଳା ସମିତିର ନେତ୍ରୀ ଶ୍ରୀମତୀ କନକ ବେହେରା, ଶିକ୍ଷକନେତା ହରିପ୍ରସାଦ ନାୟକ, କିଶୋରଚନ୍ଦ୍ର ପରମଗୁରୁ, ଯୁବ ଫେଡେରେସନ ନେତା ପ୍ରତାପ ମହାପାତ୍ର,ଅଭୟ ସ୍ୱାଇଁ,ମୈତ୍ରୀଭୂଷଣ ଖୁଣ୍ଟିଆ,ନିମାଇଁ ସାମଲ, ପ୍ରମୁଖ ଭାଷଣ ଦେଇ କହିଲେ କେନ୍ଦ୍ରସରକାର ଓଡିଶା ପ୍ରତି ଉପେକ୍ଷା କରିବା ଏବଂ ରାଜ୍ୟରେ କୌଣସି ବୈଷୟିକ ଶିକ୍ଷାନୁଷ୍ଠାନ ପାଇଁ ଯୋଜନା ପ୍ରସ୍ତୁତ ନ କରିବା ଘୋର ପରିତାପର ବିଷୟ । ଉଚ୍ଚ ଶିକ୍ଷା କ୍ଷେତ୍ରରେ କେନ୍ଦ୍ରସରକାର ଓଡିଶାକୁ ନୂନ ଚକ୍ଷୁରେ ଦେଖୁଛନ୍ତିବୋଲି ବକ୍ତାମାନେ କ୍ଷୋଭ ପ୍ରକାଶ କରି କହିଥିଲେ । କେନ୍ଦ୍ର ସରକାରଙ୍କ ଅନୁଦାନ ଉଚ୍ଚ ଶିକ୍ଷାରେ ଦିଲ୍ଲୀକୁ ୧୮୩ଟଙ୍କା ୮ପଇସା,ପଶ୍ଚିମବଙ୍ଗକୁ ୪୧ଟଙ୍କା ୨୦ପଇସା,ପଞ୍ଜାବକୁ ୩୩ଟଙ୍କା ୪ପଇସା ଦେଉଥିଲାବେଳେ ଓଡ଼ିଶାକୁ ମାତ୍ର ୪ଟଙ୍କା ୭ପଇସା ଦେଉଛି ବୋଲି ବକ୍ତାମାନେ କହିଥିଲେ । କୋଇଲାରୁ ଉତ୍ପାଦିତ ହେଉଥିବା ବିଦ୍ୟୁତର ୭୦ଭାଗ କେନ୍ଦ୍ର ସରକାର ନେଉଥିଲାବେଳେ, ଖଣିଜସମ୍ପଦ ବାବଦକୁ ହଜାର ହଜାର କୋଟି ଟଙ୍କା ରୟାଲଟି ବାବଦକୁ ନେଇ କାହିଁକି ରାଜ୍ୟବାସୀଙ୍କୁ ଭୁଆଁବୁଲାଇ ରଖା ଯାଇଛି ବୋଲି ସିପିଏମ ନେତାମାନେ ପ୍ରଶ୍ନ କରିଥିଲେ ।

କେନ୍ଦ୍ରରେ ଏନଡିଏ ସରକାରର ୭ବର୍ଷ ଶାସନ ସମୟରେ ରାଜ୍ୟରୁ ଦୁଇଜଣ କେନ୍ଦ୍ର ମନ୍ତ୍ରୀ ଓ ସର୍ବାଧିକ ବିଜେଡି,ବିଜେପିର ମନ୍ତ୍ରୀ ଥାଇ ମଧ୍ୟ ଓଡିଶା ପ୍ରତି ଅବିଚାର ବିରୋଧରେ ପଦଟିଏ ନ କହିବା ଓ ସେହି ସମୟରେ ଆଇଆଇଟି, ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ,ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ,ତୈଳ ବିଶୋଧନାଗାର ପ୍ରତିଷ୍ଠା କରିବା ପାଇଁ କୌଣସି ବ୍ୟୟ ବରାଦ ନକରି ଖାଲି ନାମକୁ ମାତ୍ର ଘୋଷଣା କରି ଯେଉଁଭଳି ପ୍ରତାରଣା କରାଗଲା ଏବଂ ପାର୍ଲ୍ୟାମେଣ୍ଟ ମଧ୍ୟରେ ଏହି ଦାବି ଉପରେ କୌଣସି ପ୍ରତିବାଦର ସ୍ୱର ନ ଉଠିବା ଯୋଗୁଁ ଆଜି ଏହି ଅବିଚାର ଚରମସୀମାରେ ପହଞ୍ଚିଛିବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ସୂଚନା ଯୋଗ୍ୟ ଯେ ଦେଶର ୩ଟି ଆଇଆଇଟି ମଧ୍ୟରୁ ଗୋଟିଏ ଓଡ଼ିଶାରେ ପ୍ରତିଷ୍ଠା ପାଇଁ ଘୋଷଣା କରାଯାଇଥିଲାବେଳେ ଶେଷ ମୁହୂର୍ତ୍ତରେ ତାକୁ ଅନ୍ୟ ରାଜ୍ୟକୁ ସ୍ଥାନାନ୍ତର କରାଯାଇଛି ।